ଦ୍ରୋଣ ଓ ଦ୍ରୁପଦଙ୍କ ଚରିତ
ଶୁଣ ହୋ ସେ ପଞ୍ଚାଳ ଦେଶର ରାଜା ଯେ ଦ୍ରୋପତ
ତାହାର ବଇରି ଯେ ଅଟଇ କିରାତ । ୧ ।
ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ଗୁରୁବାର
କିରାତ ଦଣ୍ଡ କଲା ଦ୍ରୋପଦ ଉପର । ୨ । horoscope
ଦ୍ରୋପଦ କିରାତର ହୋଇଲା ଅନେକ ଯୁଦ୍ଧ
ବହୁତ ଯୋଦ୍ଧାୟେ ପଡିଲେ ସାଂଗ୍ରାମର ମଧ୍ୟ । ୩ ।
ସାଂଗ୍ରାମରେ ଅପ୍ରାଂଜୟେ ପାଇଲେ ଦ୍ରୋପଦ
ଦଣ୍ଡ ଭଗ୍ନ ହୋଇ ପଳାଇଲେ ପାଂଚାଳ ନରେନ୍ଦ୍ର । ୪ ।
ଭାଜିଣ ଦ୍ରୋପଦ ପଲାଇଲା ରାଜ୍ୟ ଛାଡି
କିରାତ ନୃପତି ବସିଲା ପାଂଚାଳ ଦେଶ ମାଡି । ୫ ।
---------
୧ ।୧ ଦ୍ରୋପଦ, ଦ୍ରୋପତ-ଦ୍ରୁପଦ
୪ ।୧ ଅପ୍ରାଂଜୟେ-ପରାଜୟ ଅର୍ଥରେ

ହତ ରାଜ୍ୟ ହୋଇ ଯେ ଦ୍ରୋପଦ ପଳାଇଲା
ଗଙ୍ଗାକୂଳେ ରାଜା ଭଗନସ୍ତ ହୋଇଣ ରହିଲା । ୬ ।
ମହାଭଇରୋବୀ ଯେ ଗଙ୍ଗା ନଦୀ କୂଳେ
ଦ୍ରୋଣ ରହିଛନ୍ତି ସେ ସ୍ଥାନେ ସର୍ବକାଳେ । ୭ ।
ନିତ୍ୟକର୍ମ ସାରି ଦ୍ରୋଣ ବସିଚନ୍ତି ତପେ
ଦ୍ରୋପଦେଶ୍ୱର ଆସି ମିଳିଲା ସମୀପେ । ୮ ।
ଦ୍ରୋଣଙ୍କୁ ନମସ୍କାର ହୋଇଲେ ଦ୍ରୋପଦ
କଲ୍ୟାଣ ବାଞ୍ଛାକଲେ ରାଜା ତୋତେ ନ ପଡୁ ପ୍ରମାଦ । ୯ ।
କେବଣ ଦେଶର ବୀର ନୃପତି ତୁ ଅଟୁ
ରାଜ୍ୟ ଭାର ତେଜି କି- । ବନବାସ ଖଟୁ । ୧୦ ।
ବତିଶ ଗୁଣେ ସୁନ୍ଦର ସୁକୁମାର ଅଟଇ ତୋର କାୟେ
ମୃଧୁନା ଅବିଷେକୀ ଅଟୁ ଦିଶୁଛି ହତରାଜ୍ୟ ପ୍ରାୟେ । ୧୧ । ସଂଖ୍ୟା
ଦ୍ରୋପଦ ବୋଇଲେ ତୁମ୍ଭେ ଶୁଣିମା ବ୍ରହ୍ମଚାରୀ
ପାଂଚାଳ ଦେଶର ମୁଂ ଅଟଇ ଅଧିକାରୀ । ୧୨ ।
ମୋହୋର ରାଜ୍ୟକୁ ବାହିଲା କିରାତ ମହୀପାଳେ
ରାଜ୍ୟଭାର ସିଂହାସନ ଘେନିଲା ମୋର ବଳେ । ୧୩ ।
ପାଞ୍ଚାଳ ନୃପତି ମୁଂ ପଞ୍ଚୁକଟକେ ଆଧିପତି
ମୋହୋର ନାମ ଗୋସାଇଂ ଦ୍ରୋପଦ ନୃପତି । ୧୪ ।
ଦ୍ରୋଣ ବୋଇଲେ ସେ ମନ ମନେଣ ବିଚାରି
ତୋହୋର ମୋହୋର ନାମ ୟେକା ଅକ୍ଷରେ ପଡି । ୧୫ ।
ଆମ୍ଭର ନାମ ଦ୍ରୋଣ ତୁମ୍ଭର ନାମ ଦ୍ରୋପତ
ତୁ ମହାରାଜା ଆମ୍ଭର ହୋଇଲୁ ମଇତ୍ର । ୧୬ ।
ଦ୍ରୋପଦ ବୋଇଲା ଦେବ ବୋଲିବାକୁ ନୋହିଲି ମୁଂ କ୍ଷମ
ତୁମ୍ଭେ ମହାଭିଗ୍ୟ ଅଟ ହୋ ମହାବ୍ରହ୍ମ । ୧୭ ।
ଠାକୁର ଦାସର ୟେକା ନାମ ହୋଇଲେ
ସେହିକି ମଇତ୍ର ହୋଇବ ଦ୍ରୋପଦ ବୋଇଲେ । ୧୮ ।
ଦ୍ରୋଣେ ବୋଇଲେ ମିତ ହୋଇଲ କି ବାଇ
ନାମର ମଇତ୍ର ହୋ ଅତି ଭାଗ୍ୟରେ ସେ ପାଇ । ୧୯ ।
----------
୧୧ ।୨ ଅବିଷେକୀ-ଅଭିଷେକୀ

ତୋହୋର ମୋହୋର ଅଛିନି ପୀରତି
ଶୁଣିଣ ସାନନ୍ଦ ହୋଇଲେ ଦ୍ରୋପଦ ନୃପତି । ୨୦ ।
ଆହୋ ଦ୍ରୋଣ ଅନେକ ଯେ ଯାଉଛନ୍ତି ଦାନ
ପ୍ରତିଗ୍ରହ କରି ମହାତ୍ମା ଅର୍ଜିଲେ ଅନେକ ଧନ । ୨୧ ।
ମହା ବେଦାନ୍ତୀ ଦେଖି ପ୍ରଶୁରାମ ନୃପତି
ଦ୍ରୋଣକୁ ବହୁତ ଦାନ କଲେ ଭଣ୍ଡାର ଆଧିପତି । ୨୨ ।
ଦ୍ରୋପଦ ରାଜାର ଯହୁଂ ସେ ବିପତ୍ତି ଦେଖିଲେ
ଅନେକ ଧନ ଥିଲା ଦ୍ରୋଣ ଦ୍ରୋପଦକୁ ଦିଲେ । ୨୩ ।
ଅନେକ ଦାନ ଘେନନ୍ତି ଦ୍ରୋପଦର ନିମନ୍ତେ
ଯେସନେକ ଲାଗଇ ଦ୍ରୋଣ ଦିଅନ୍ତି ନିତ୍ୟେ ନିତ୍ୟେ । ୨୪ ।
ରାଜ୍ୟରୁ ନୃପତି ଧନ ଆଣିଥିଲା ଯେତେ
ଥାଠକୁ ଅଣ୍ଟିଲା ନବ ବରଷ ପରିଯନ୍ତେ । ୨୫ । ସଂଖ୍ୟା
ଧର୍ମ ବାସନା ସେ ଅଟଇ ଦ୍ରୋପଦ ନୃପତି
ଆନ ଭୂମି ନ ଲଂଘଇ ନ ଯାଇ ଆନ କତି । ୨୬ ।
ୟେତେ ବାଗେଣ ସେ ଦ୍ରୋପଦ ରାୟେ ବ୍ରତି । ୨୭ ।
କିରାତ ରାଜା ତାହାର ରାଜ୍ୟ ମାଡି ବସିଥିଲା
ୟେକୋଇଶ ବରଷ ପରିଯନ୍ତେ ରାଜ୍ୟ ନ ଛାଡିଲା । ୨୮ । ସଂଖ୍ୟା
ରାଜାର ଥାଠକୁ ଯହୁଂ ନ ମିଳିଲା ଅନ୍ନ
ତେଣୁ କରି ମଲେ ସନ୍ୟ ମୋର ଥାଠ ହୋଇଲା କ୍ଷୀଣ । ୨୯ ।
ଦ୍ରୋଣ ବୋଇଲେ ସମସ୍ତ ଥାଠକୁ ହକାରି
ଯାହାକୁ ଯେତେ ଲାଗଇ ତାହାକୁ ଆମ୍ଭେ ଦେବୁ ପଡି । ୩୦ ।
ହସ୍ତୀ ଘୋଡାକୁ ଦିଲେ ଚରଣୀ ପିଉଣି ଆଦି କରି
ୟେମନ୍ତେ ଦ୍ରୋଣ ସମ୍ଭାଳିଲେ ଦ୍ରୋପଦ ଥାଠକୁ ଆବୋରି । ୩୧ ।
ଦ୍ରୋଣଙ୍କର ଭାରିଯା ଯେ କୃପୀ ମାହେଶ୍ୱରୀ
ଅତୁଟ ବିଦ୍ୟା ଯେ ପ୍ରସନ୍ନ ତାହାରି । ୩୨ ।

---------

୨୯ ।୧  କାନ୍ତାର ପାଇଲେ ଯହୁଂ ନ ପାଇଲେ ଅନ୍ନ (ପା)
୩୦ ।୧  ଦ୍ରୋଣ ବୋଇଲେ ମଇତ୍ର ତୋର ସୈନ୍ୟକୁ ଯେତେ ଲୋଡି । (ପା)
୩୨ ।୨  ଅନ୍ନପୂର୍ଣ୍ଣା ବିଦ୍ୟାୟେ ପ୍ରସନ୍ନ ତାହାରି । (ପା)

ଦକ୍ଷିଣ କରେ ଅଛି ତାର ଶଂଖ ପଦ୍ମନିଧି
ଦିଲେ ଦାନ ନ ସରଇ ତାର ମହିମା ପ୍ରସିଦ୍ଧି । ୩୩ ।
ୟେକ କଠାକରେ ଅନ୍ନ ଯେ ରାନ୍ଧିଲେ
ଥାଠକୁ ଅନ୍ନ ଅଣ୍ଟଇ ନ ସରଇ ଭଲେ ପରଶିଲେ । ୩୪ ।
ସେ ମହାସତୀ ଅନ୍ନ ଦିଅଇଟି ନିତ୍ୟେ
ନିତି ପ୍ରତି ପୁଣ ଯାହାକୁ ଯେତେ ଲାଗଇ ଯୁଗତେ । ୩୫ ।
ସ୍ତିରୀ ପୁରୁଷ ପୁତ୍ର ସଭିୟେଂ ଆଦି କରି
ରହିଲେ ନିଷ୍ଚିନ୍ତେ ପଞ୍ଚାଳ ଦେଶକୁ ପାସୋରି । ୩୬ ।
ଦ୍ରୋଣ ଦିଅନ୍ତି ଯେ ଅଷ୍ଟରତ୍ନମାନ
ଯାହାକୁ ଯେତେ ଲାଗଇ ଅଳଙ୍କାର ବିଧାନ । ୩୭ ।
ଦ୍ରୋଣଙ୍କର ପ୍ରସାଦେ ରହିଲେ ନିଷ୍ଚନ୍ତେ
ରହିଲେ ଦ୍ରୋପଦ ଚଉବିଂଶ ବରଷ ପରିଯନ୍ତେ । ୩୮ । ସଂଖ୍ୟା
ଅଗସ୍ତି ବୋଇଲେ ଶୁଣ ହୋ ଯୁଗପତି
ମଇତ୍ର ଯୋଗ ହୋଇଲେ ୟେନେକ ପୀରତି । ୩୯ ।

କିରାତ ରାଜା ସେ ପଞ୍ଚାଳ ଦେଶେ ଅଛି ରହି
ଅନେକ ସୁଛେଣ ସେ ପାଳିଲାକ ମହୀ । ୪୦ ।
ଆପଣା ରାଜ୍ୟରେ ସେ ପାତ୍ରକୁ ବସାଇଣ ଥିଲା
ତାହାର ରାଜ୍ୟକୁ ତେଣେ ଦରଦସେନ ଯେ ବାହିଲା । ୪୧ ।
ଦେଶାଉର ବାରତା କଲା ବ୍ରହ୍ମ ବୈତରଣୀ କୂଳେ
କିରାତ ବିଜେ କରିଅଛି ରଣସ୍ତମ୍ଭ ପର୍ବତର ତଳେ । ୪୨ ।
କିରାତର ଅଗ୍ରତରେ କହନ୍ତି ମୁନେହି
ସ୍ୱାମୀ ଆବର କି- । ପଞ୍ଚାଳ ଦେଶେ ରହି । ୪୩ ।
ତୋହୋର ଦେଶକୁ ତେଣେ ବାହିଲା ଦରଦ
ଆପଣା ଦେଶ ଛାଡି ପର ଦେଶରେ କି ସ- ଦ । ୪୪ ।
ୟେହୁ ବଳ ବୟେସ ଦେବ ସର୍ବଦା ନ ଥିବ
ଯେ ଯାହାର ରାଜ୍ୟ ପୁଣ ସେହୁ ସେ ଘେନିବ । ୪୫ ।
ଚିରନ୍ତନ କାଳକୁ ୟେହି କଥା ରହିଥିବ । ୪୬ ।

-------

୩୪ ।୧  ୟେକ କୁଡୋଇଆରେ ଅନ୍ନ ସେ ରାନ୍ଧିଲେ । (ପା)

ତୁଳ ମାସ ଶୁକ୍ଳ ପକ୍ଷ ଦଶମୀର ଦିନ
ପଞ୍ଚାଳ ଦେଶ ଛାଡିଲା ଯେ କିରାତ ରାଜନ । ୪୭ । horoscope
ଆପଣା ଦେଶକୁ ସେ ଗଲାକ କିରାତ
ଦରଦର ତୁଲେ ସଂଗ୍ରାମ ହୋଇଲା ଅପ୍ରମିତ । ୪୮ ।
ପଞ୍ଚାଳ ଦେଶେ ଯେ ଦ୍ରୋପଦ ରାଜାର ଲୋକ ଥିଲେ
ରାଜାର ଆଗେ ଯାଇ ବାରତା କହିଲେ । ୪୯ ।
ଭୋ ସ୍ୱାମୀ କିରାତ ରାଜା ଯେ ଆମ୍ଭ ରାଜ୍ୟ ଘେନିଥିଲା
ତାହାର ରାଷ୍ଟ୍ରକୁ ଦେବ କିରାତ ବାହୁଡି ଗଲା । ୫୦ ।
ଆମ୍ଭର ରାଜ୍ୟକୁ ଦେବ ବହନ ଚଳି ଆସ
ଶୁଣିଣ ଦ୍ରୋପଦ ନୃପତି ସେ ହୋଇଲା ହରଷ । ୫୧ ।
ଦ୍ରୋଣଙ୍କର ପାଦତଳେ ଦ୍ରୋପଦ ରାଜା ପରିଣାମି
ତୋହୋରେଣ ମୋହୋର ଆପାଦ ଖଣ୍ଡଣ ଗଲା ଦେବ ସ୍ୱାମୀ । ୫୨ ।
କିରାତ ରାଜା ଯେ ଛାଡିଲା ମୋହୋର ଦେଶ
ଭୋ ମଇତ୍ର ମୋହୋର ରାଜ୍ୟକୁ ଯିବା ଆସ । ୫୩ ।
ଦ୍ରୋଣେ ପରମ ସାନନ୍ଦ ହୋଇଲେ ତାହା ଶୁଣି
ଧର୍ମେଣ ତୋହୋର ରାଜ୍ୟ ପ୍ରାପତ ହୋଇଲା ନୃପମଣି । ୫୪ ।
ସଂପଦ ବିପଦ ୟେ ସମୟେ ସମୟେ
ଅନୁବ୍ରତେ ପ୍ରାଣୀକି ବିପଦ ନାହିଂ କାୟେ । ୫୫ ।
ଭୋ ମଇତ୍ର ଯାଅସି ତୋହୋର ମଣ୍ଡଳେ
ସୁବିଧାନେ ରାଜ୍ୟେ ତୋର ବସ ଶୁଭବେଳେ । ୫୬ ।
ତୋହୋର ରାଜ୍ୟ ୟେବେ କର ଯାଇ ସୁସ୍ତେ
ଜନ ସଂସାର ଭଜନ୍ତୁ ଖଟନ୍ତୁ ଅମନାତ୍ୟେ । ୫୭ ।
ଆଗ୍ୟାଂ ପ୍ରମାଣେ ଚଳନ୍ତି ପ୍ରକୃତି ନିଯୋଗୀ
ରାଜ୍ୟ ଭୋଗ ସ- ଦ ତୋତେ ମଣ୍ଡଳ ହୋଉ ଭୋଗୀ । ୫୮ ।
ସଂସାର ତୋହୋର ଭଜଇ ଯେତେବେଳେ
ଆମ୍ଭେ ପ୍ରବେଶ ହୋଇବୁ ତୋହୋର ସୁବିଧାନ ମଙ୍ଗଳେ । ୫୯ ।

-------

୫୩ ତେଣୁ କିରାତ ଗଲା ଆମ୍ଭର ଦେଶ ଛାଡି
ଶୁଭଯୋଗେ ରାଜା ବସିବା ଯାଇ ମାଡି । (ପା)

୫୮ ।୨ ସୁଖେଣ ବ୍ରତ ତୁମ୍ଭେ ମଣ୍ଡଳ ହେଉ ଭୋଗୀ ।

ଦ୍ରୋପଦେ ପ୍ରଣିପତ୍ୟ ଦ୍ରୋଣଙ୍କର ପଦ୍ମପାଦେ
ସମସ୍ତ କୁଶଳ ସିନା ତୁମ୍ଭର ପରସାଦେ । ୬୦ ।
ଭୋ ମଇତ୍ର ଚାଲିଯିବା ମୋହୋରେ ଅଛି ଯେବେ ସଦୟେ
ରାଜ୍ୟେ ମୋହୋର କାର୍ଯ୍ୟ ନାହିଂ ସର୍ବଦା ତୋତେ ଲୟେ । ୬୧ ।
ଦ୍ରୋଣେ ବୋଇଲେ ତୁ ମତେ କଟାକ୍ଷ ନ କର
କଥାୟେ କହି ହେ ବଚନ ନିରାଧାର । ୬୨ ।
କୃପୀ କନ୍ୟା ଯେ ହୋଇଅଛି ଆଶାବତୀ
ଚାରିମାସ ହୋଇଲା ଅଳସ ପ୍ରକୃତି । ୬୩ । ସଂଖ୍ୟା
ଗର୍ଭିଣୀ ସ୍ତିରୀକି ଆନ ଠାବ କରି ତ ନ ପାରି
ଭୋ ମଇତ୍ର ଯିବୁଂ ପ୍ରସବ ହୋଇଲେ ନାରୀ । ୬୪ ।
ଦ୍ରହସିତେ କହିଲେ ଭାରଦ୍ୱାଦଶଙ୍କ ତନୁ
ରାଜ୍ୟେ ଭୋଗ ପଶିଲେ ନ ପୁଣ ମୋତେ ଚିହ୍ନୁ । ୬୫ ।
ଦ୍ରୋପଦ ବୋଇଲେ ମୋହୋର ୟେହେନେକ କର୍ମ
ନିଷ୍ଚୟ ମୋତେ ଯେବେ ଛାଡିବଟି ଧର୍ମ । ୬୬ ।
ତେତେବେଳେ ତୋତେ ଅବା ନ ଚିହ୍ନିବି
ଅପ୍ରତେ ହୋଇଲେ ସଞ୍ଚୟେ ନାଶ ଯିବି । ୬୭ ।
ଦ୍ରୋଣେ ବୋଇଲେ ତୁ ନ କର ମନେ କିଛି ଭ୍ରାନ୍ତି
ତୋହୋର ମୋହୋର ଜନ୍ମେ ଜନ୍ମେ ୟେସନେକ ପୀରତି । ୬୮-୩୪୬୧ ।
***************